بسم الله الرحمٰن الرحيم

**ଖୁତ୍‌ବା ଜୁମା ୧ ଜାନୁଆରୀ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ଏବଂ ନବ ବର୍ଷ ଉପଲକ୍ଷେ ସ୍ୱର୍ଣ୍ଣିମ ଉପଦେଶ ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଅଲୀ ର.ଅଙ୍କର ଚର୍ଚ୍ଚା ଚାଲିଥିଲା । ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ହଜ଼ରତ ଅଲୀ ର.ଅଙ୍କ ଶାହାଦତ୍(ଘଟଣା)ର ପରିପ୍ରେକ୍ଷୀରେ ବର୍ଣ୍ଣନା କରନ୍ତି କି ବର୍ତ୍ତମାନ ଘଟଣାଟି ସଂପୂର୍ଣ୍ଣ ରୂପେ ସମାଧାନ ହୋଇ ନଥିଲା କି ଖୱାରିଜ୍‌ମାନଙ୍କ ଗୋଷ୍ଠୀ ପରସ୍ପର ମଧ୍ୟରେ ଏହି ପରାମର୍ଶ କଲେ କି ଉକ୍ତ ଉପଦ୍ରବକୁ ଏହିପରି ଦୂରୀଭୂତ କରାଯାଉ କି ସମସ୍ତ ବୟୋଜ୍ୟୋଷ୍ଠ ସାହାବାମାନଙ୍କୁ ହତ୍ୟା କରିଦେବା । ସୁତରାଂ ସେହି ଖୱାରିଜ୍ ସଂପ୍ରଦାୟର କେତେକ ସାହସୀ ଲୋକମାନେ ଏହି ସଂକଳ୍ପ ନେଇ ସେଠାରୁ ବାହାରିଲେ ଯେ, ସେମାନଙ୍କ ମଧ୍ୟରୁ ଜଣେ ହଜ଼ରତ ଅଲୀ ର.ଅଙ୍କୁ, ଜଣେ ହଜ଼ରତ ମୁଆୱିୟାଙ୍କୁ ଏବଂ ଜଣେ ଉମ୍ରୋ ବିନ୍ ଆସ୍‌ଙ୍କୁ ଗୋଟିଏ ଦିନରେ ଏବଂ ଏକ ମସୟରେ ହିଁ ହତ୍ୟା କରିବେ । ଅତଏବ ଯେଉଁ ବ୍ୟକ୍ତି ହଜ଼ରତ ମୁଆୱିୟାଙ୍କ ଆଡ଼କୁ ଯାଇଥିଲା, ସେ ତ' ହଜ଼ରତ ମୁଆୱିଙ୍କ ଉପରେ ଆକ୍ରମଣ କଲା ସତ କିନ୍ତୁ ତାହାର ଆକ୍ରମଣରେ ହଜ଼ରତ ମୁଆୱିୟା ସାମାନ୍ୟ ରୂପେ ଆହତ ହୋଇଥିଲେ । ସେହି ଆକ୍ରମଣକାରୀ ଧରା ପଡ଼ିଲା ଏବଂ ଏହାପରେ ତାକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଦିଆ ଯାଇଥିଲା ଏବଂ ଯେଉଁ ବ୍ୟକ୍ତି ଉମ୍ରୋ ବିନ୍ ଆସ୍ ର.ଅଙ୍କୁ ହତ୍ୟା କରିବାକୁ ଯାଇଥିଲା ସେ ମଧ୍ୟ ନିଜ ଉଦ୍ଦେଶ୍ୟର ବିଫଳ ତଥା ଅକୃତକାର୍ଯ୍ୟ ହୋଇଥିଲା ଏବଂ ଯେଉଁ ବ୍ୟକ୍ତି ହ. ଅଲୀ ର.ଅଙ୍କୁ ହତ୍ୟା କରିବା ପାଇଁ ବାହାରି ଥିଲା, ଯେତେବେଳେ ଫଜର୍ ନମାଜ୍ ପାଇଁ ହଜ଼ରତ ଅଲୀ ର.ଅ ଛିଡ଼ା ହେବାକୁ ଲାଗିଲେ ସେତେବେଳେ ସେହି ହତ୍ୟାକାରୀ ଜଣକ ହଜ଼ରତ ଅଲୀ ର.ଅଙ୍କ ଉପରକୁ ଆକ୍ରମଣ କରିଦେଲା ଯଦ୍ୱାରା ହଜ଼ରତ ଅଲୀ ର.ଅ ଗମ୍ଭୀର ରୂପେ ଆହତ ହୋଇଥିଲେ । ହଜ଼ରତ ଅଲୀ ର.ଅଙ୍କ ଶାହାଦତ୍‌ର ଭବିଷ୍ୟବାଣୀ ଆଁହଜ଼ରତ ସ.ଅ ବହୁ ପୂର୍ବରୁ କରି ଯାଇଥିଲେ । ହଜ଼ରତ ଉବୈଦୁଲ୍ଲାଃ ର.ଅ ବର୍ଣ୍ଣନା କଲେ କି ନବୀ କରୀମ୍ ସ.ଅ ହଜ଼ରତ ଅଲୀ ର.ଅଙ୍କୁ କହିଲେ କି ହେ ଅଲୀ ! ...... ହଜ଼ରତ ସାଲେହ୍ ଅ.ସଙ୍କ ସଂପ୍ରଦାୟରୁ ଜଣେ ହତଭାଗ୍ୟ ବ୍ୟକ୍ତି ତାଙ୍କ ଓଟର ଖୁରକୁ କାଟି ଦେଇଥିଲା ଏବଂ ହେ ଅଲୀ ! ସର୍ବଶ୍ରେଷ୍ଠ ସଂପ୍ରଦାୟର ଅର୍ଥାତ୍ ତୁମ ସଂପ୍ରଦାୟରୁ ଜଣେ ହତଭାଗ୍ୟ ବ୍ୟକ୍ତି ସେହି ବ୍ୟକ୍ତି ହେବ ଯିଏ ତୁମ ଉପରେ ବର୍ଚ୍ଛାର ପ୍ରହାର କରିବ ଏବଂ ଆଁହଜ଼ରତ ସ.ଅ ସେହି ସ୍ଥାନ ଆଡ଼କୁ ଇଙ୍ଗିତ କଲେ ଯେଉଁ ସ୍ଥାନରେ ହଜ଼ରତ ଅଲୀ ର.ଅଙ୍କୁ ବର୍ଚ୍ଛା ଦ୍ୱାରା ଆକ୍ରମଣ କରାଯିବ ।

ଯେତେବେଳେ ହଜ଼ରତ ଅଲୀ ର.ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ହଜ଼ରତ ଅଲୀ ର.ଅ ନିମ୍ନଲିଖିତ ୱସିୟତ୍ (ଇଚ୍ଛାପତ୍ର) କଲେ:– "**ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ୍ ନିର୍‌ରହିମ୍** । ଏହା ହେଉଛି ହଜ଼ରତ ଅଲୀ ବିନ୍ ଅବି ତାଲିବ୍ ର.ଅଙ୍କର ୱସିୟତ୍ । ମୁଁ ସାକ୍ଷ୍ୟ ଦେଉଛି କି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟଯୋଗ୍ୟ ନାହାନ୍ତି ଏବଂ ମୁହମ୍ମଦ୍ ସ.ଅ ତାଙ୍କର ଭକ୍ତ ଏବଂ ବାର୍ତ୍ତାବହକ ଅଟନ୍ତି । ହେ ହସନ୍ ! ମୁଁ ତୁମକୁ ଓ ନିଜର ସମସ୍ତ ସନ୍ତାନମାନଙ୍କୁ ଏବଂ ନିଜର ସମସ୍ତ ପରିବାରବର୍ଗଙ୍କୁ ଅଲ୍ଲାଃତାଲାଙ୍କୁ ଭୟ କରିବାକୁ ୱସିୟତ୍ କରୁଛି, ଯିଏ

ତୁମମାନଙ୍କର ପାଳନକର୍ତ୍ତା ଅଟନ୍ତି ଏବଂ ତୁମେ ଇସ୍‌ଲାମ୍ ଧର୍ମାବଲମ୍ବୀ ଅବସ୍ଥାରେ ହିଁ ମୃତ୍ୟୁବରଣ କରିବ । ତୁମେମାନେ ସମସ୍ତେ ଅଲ୍ଲାଃତାଲାଙ୍କ ଦଉଡ଼ିକୁ ଜାବୁଡ଼ି ଧରିବ ଏବଂ ପରସ୍ପର ମଧ୍ୟରେ ଫାଟ ସୃଷ୍ଟି କରିବ ନାହିଁ । କାରଣ ମୁଁ ଅବୁଲ୍ କାସିମ୍ ସ.ଅଙ୍କ ଠାରୁ ଶୁଣିଛି କି ପାରସ୍ପରିକ ସଂପର୍କକୁ ସଂଶୋଧନ କରିବା ଏବଂ ଯଦି ସଂପର୍କରେ କୌଣସି ଫାଟ ସୃଷ୍ଟି ହୁଏ ତେବେ ତାହାକୁ ଦୂର କରିବା ନଫିଲ୍ ନମାଜ୍ ଏବଂ ରୋଜ଼ା ଠାରୁ ଅଧିକ ଶ୍ରେୟସ୍କର ଅଟେ ।"

ହୁଜୁର ଅନୱର୍ ଅ.ବ କହିଲେ : ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଏବଂ ଏହାକୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ, **ପାରସ୍ପରିକ ସଂପର୍କକୁ ସଂଶୋଧନ କରିବା ଏବଂ ସଂପର୍କରେ ଯଦି କୌଣସି ଫାଟ ସୃଷ୍ଟି ହୁଏ ତେବେ ତାହାକୁ ଦୂର କରିବା ନଫିଲ୍ ନମାଜ୍ ଏବଂ ରୋଜ଼ା ଠାରୁ ଅଧିକ ଶ୍ରେୟସ୍କର ଅଟେ ।** ତୁମେ ନିଜ ସଂପର୍କୀୟଙ୍କର ଯତ୍ନ ନେବ ଏବଂ ତାଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବ । ଏହା ଦ୍ୱାରା ଅଲ୍ଲାଃତାଲା ତୁମ ଉପରେ ଜଟିଳ ହିସାବକୁ ସରଳ କରିଦେବେ, ଅନାଥମାନଙ୍କ କ୍ଷେତ୍ରରେ ଅଲ୍ଲାଃତାଲାଙ୍କୁ ଭୟ କରିବ ଏବଂ ପଡ଼ୋଶୀମାନଙ୍କ ବିଷୟରେ ଅଲ୍ଲାଃତାଲାଙ୍କ ପ୍ରତି ଭୟ କରିବ । କାରଣ ପଡୋଶୀଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ତୁମ ନବୀଙ୍କର ୱସିୟତ୍ ଅଟେ । ନମାଜ଼ ପ୍ରସଙ୍ଗରେ ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ଆଜୀବନ ଏହାକୁ ଶୂନ୍ୟ ହେବାକୁ ଦିଅ ନାହିଁ । କାରଣ ଯଦି ନମାଜ଼କୁ ଛାଡ଼ି ଦିଆଯାଏ ଅବା ଦୂରେଇଯାଅ ତାହାହେଲେ ତାହାଭଳି ଅନ୍ୟ କୌଣସି ଘର ତୁମକୁ ପ୍ରାପ୍ତ ହେବ ନାହିଁ ଏବଂ ନିଜର ଧନ ଓ ଜୀବନ ସହିତ ଜେହାଦ୍ କର ଏବଂ ଜ଼କାତ୍ ବିଷୟରେ ଅଲ୍ଲାଃତାଲାଙ୍କୁ ଭୟ କର । କାରଣ ଜ଼କାତ୍ ଅଲ୍ଲାଃତାଲାଙ୍କର କ୍ରୋଧକୁ ପ୍ରଶମିତ କରେ ଏବଂ ଦରିଦ୍ର ଓ ଅଭାବିମାନଙ୍କ କ୍ଷେତ୍ରରେ ମଧ୍ୟ ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ସେମାନଙ୍କୁ ନିଜର ଅର୍ଥନୈତିକ ସମ୍ବଳରେ ସାମିଲ କର । ନମାଜ଼ର ସୁରକ୍ଷା କର । ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପାଇଁ କୌଣସି ନିନ୍ଦାକାରୀର ନିନ୍ଦା ଓ ଅପବାଦକୁ ଭୟ କର ନାହିଁ । ଅଲ୍ଲାଃତାଲା ତୁମମାନଙ୍କୁ ଯେଉଁଭଳି ଆଦେଶ ଦେଇଛନ୍ତି ସେହିଭଳି ଉତ୍ତମ କଥା ଲୋକମାନଙ୍କୁ କୁହ । **ଅମର୍ ବିଲ୍ ମାରୁଫ୍ ଓ ନହି ଅନିଲ୍ ମୁନ୍‌କର୍‌କୁ ଆଦୌ ପରିତ୍ୟାଗ କର ନାହିଁ** (ଅର୍ଥାତ ପୁଣ୍ୟ ଓ ଉତ୍ତମ କାର୍ଯ୍ୟ କରିବା ପ୍ରତି ଆଦେଶ ଦିଅ ଏବଂ ଅପକର୍ମରୁ ଲୋକମାନଙ୍କୁ ଆକଟ କରିବାକୁ ପ୍ରୟାସ କର) ଅନ୍ୟଥା ତୁମମାନଙ୍କ ମଧ୍ୟରୁ ମନ୍ଦ ବ୍ୟକ୍ତିମାନେ ତୁମର ପଦାଧିକାରୀ ହୋଇଯିବେ, ପୁନଶ୍ଚ ତୁମେମାନେ ଯେତେବେଳେ ସେମାନଙ୍କ ପ୍ରସଙ୍ଗରେ ଦୁଆ କରିବ ସେତେବେଳେ ତୁମମାନଙ୍କର ଦୁଆ ଗ୍ରହଣୀୟ ହେବ ନାହିଁ । ପରସ୍ପର ସହିତ ଯୋଗସୂତ୍ର ରକ୍ଷା କର ଏବଂ ଲୋକ ଦେଖାଣିଆ ଏବଂ କୃତ୍ରିମତା ବ୍ୟତୀତ ପରସ୍ପରକୁ ସହଯୋଗ କର । ସାବଧାନ ! ପାରସ୍ପରିକ ଶତ୍ରୁତାକୁ ଆଦୌ ପ୍ରଶ୍ରୟ ଦିଅ ନାହିଁ କି ସଂପର୍କ ଛିନ୍ନ କର ନାହିଁ ଓ ନା ହିଁ ପରସ୍ପର ମଧ୍ୟରେ ଫାଟ ସୃଷ୍ଟି କର, ପୁଣ୍ୟ ଏବଂ ଧର୍ମପରାୟଣତାରେ ପରସ୍ପରକୁ ସହଯୋଗ କର ଏବଂ ପାପ ଓ ବିଦ୍ରୋହରେ ପରସ୍ପରକୁ ସହଯୋଗ କର ନାହିଁ । ଅଲ୍ଲାଃତାଲାଙ୍କର ଧର୍ମପରାୟଣତା ମାର୍ଗକୁ ଅବଲମ୍ବନ କର । ନିଃସନ୍ଦେହରେ ଅଲ୍ଲାଃତାଲା ଶାସ୍ତି ଦେବାରେ ଅତ୍ୟନ୍ତ କଠୋର ।

ଯେତେବେଳେ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ର.ଅଙ୍କର ବିୟୋଗ ହେଲା ସେତେବେଳେ ହଜ଼ରତ ହସନ୍ ର.ଅ ମଞ୍ଚ ଉପରେ ଛିଡ଼ା ହେଲେ ଏବଂ କହିଲେ ହେ ଲୋକମାନେ ଆଜି ରାତିରେ ଜଣେ ବ୍ୟକ୍ତିଙ୍କର ବିୟୋଗ ହୋଇଛି । ତାଙ୍କ ପୂର୍ବରୁ ନା କୌଣସି ବ୍ୟକ୍ତି ତାଙ୍କ ପରି ଆଗେଇ ପାରିଛି ଓ ନା ହିଁ ତାଙ୍କ ପରବର୍ତ୍ତୀ ପିଢୀରେ ତାଙ୍କ ଭଳି ମର୍ଯ୍ୟାଦା ପାଇ ପାରିବେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ତାଙ୍କୁ କୌଣସି ଅଭିଯାନରେ ପ୍ରେରଣ କରୁଥିଲେ ସେତେବେଳେ ଜିବ୍‌ରାଇଲ୍ ତାଙ୍କ ବାମ ପାର୍ଶ୍ୱରେ ଏବଂ ମିକାଇଲ୍ ତାଙ୍କ ଦକ୍ଷିଣ ପାର୍ଶ୍ୱରେ ରହୁଥିଲେ ଏବଂ ସେ ସେତେବେଳ ପର୍ଯ୍ୟନ୍ତ ଫେରୁ ନଥିଲେ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ତାଙ୍କ ହସ୍ତରେ ବିଜୟ ପ୍ରଦାନ କରି ଦେଉ ନଥିଲେ । ତାଙ୍କ ଖିଲାଫତ୍‌ର ଅବଧି ୪ ବର୍ଷ ୮ ମାସ କାଳ ଥିଲା ।

ହ. ଅଲୀ ର.ଅ ଭିନ୍ନ ଭିନ୍ନ ସମୟରେ ଆଠଟି ବିବାହ କରିଥିଲେ । ଅଲ୍ଲାଃତାଲା ତାଙ୍କୁ ଅନେକ ସନ୍ତାନ ପ୍ରଦାନ କରିଥିଲେ, ସେହି ସନ୍ତାନମାନଙ୍କର ସଂଖ୍ୟା ୩୦ରୁ ଉର୍ଦ୍ଧ୍ୱ ଥିଲା । ହଜ଼ରତ ଆଏଶା ର.ଅ ବର୍ଣ୍ଣନା କରନ୍ତି କି ଲୋକଙ୍କ ମଧ୍ୟରୁ ଆଁହଜ଼ରତ ସ.ଅଙ୍କ ଅତି ପ୍ରିୟ ଫାତିମା ଓ ହଜ଼ରତ ଅଲୀ ର.ଅ ଥିଲେ । ହଜ଼ରତ ସାଆଲ୍‌ବା ବିନ୍ ଅବୁ ମାଲିକ୍ ବର୍ଣ୍ଣନା କରନ୍ତି ପ୍ରତ୍ୟେକ ରଣଭୂମିରେ ଯେତେବେଳେ ଶତ୍ରୁମାନଙ୍କର ମୁକାବିଲା ହେଉଥିଲା ସେତେବେଳେ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ରସୁଲ୍ କରୀମ୍ ସ.ଅଙ୍କ ପକ୍ଷରୁ ଇସ୍‌ଲାମ୍‌ର ଧ୍ୱଜବାହକ ରହୁଥିଲେ । ହଜ଼ରତ ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନ କରନ୍ତି ରସୁଲ୍ କରୀମ୍ ସ.ଅ ହ. ଅଲୀଙ୍କୁ କହିଲେ ତୁମେ ମୋ ଭାଇ ଏବଂ ମୋର ସାଥି ଅଟ ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ ବୈକୁଣ୍ଠପୁର ତିନି ଜଣ ବ୍ୟକ୍ତିଙ୍କର ଅଭିଳାଷୀ ଏବଂ ସେହି ତିନି ଜଣ ବ୍ୟକ୍ତି ହେଲେ ହ. ଅଲୀ, ହ. ଅମ୍ମାର୍, ହ. ସଲ୍‌ମାନ୍ । ଆଁହଜ଼ରତ ସ.ଅ କହିଲେ କି ମୁଁ ସ୍ୱର୍ଗରେ ଯେଉଁ ସ୍ତରରେ ବି ଥିବି ସେଠାରେ ହଜ଼ରତ ଅଲୀ ର.ଅ ଓ ଫାତିମା ର.ଅ ମଧ୍ୟ ଥିବେ । ହ. ଅଲୀ ର.ଅ ଅଶ୍ରା ମୁବସ୍ଶରା ଅର୍ଥାତ ସେହି ଦଶ ଜଣ ସୌଭାଗ୍ୟଶାଳୀ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ଆଁହଜ଼ରତ ସ.ଅଙ୍କ ପବିତ୍ର ତୁଣ୍ଡରୁ ଇହକାଳରେ ହିଁ ବୈକୁଣ୍ଠପୁରର ଶୁଭ ସମାଚାର ମିଳି ଯାଇଥିଲା । ହଜ଼ରତ ଅଲୀ ର.ଅଙ୍କ ସଂପର୍କିତ ଅବିଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜ଼ୁର ଅନୱର ଅ.ବ କହିଲେ :- ମୁଁ ବର୍ତ୍ତମାନ ଆଉ ଏକ କଥା ମଧ୍ୟ କହିବାକୁ ଚାହୁଁଛି ଏବଂ ତାହା ହେଲା ଯେ, ଆଜି ନବ ବର୍ଷର ପ୍ରଥମ ଦିନ ଏବଂ ପ୍ରଥମ ଜୁମ୍ମା । ଦୁଆ କରନ୍ତୁ କି ଏହି ନବ ବର୍ଷ ଜମାଅତ୍ ପାଇଁ, ପୃଥିବୀବାସୀଙ୍କ ପାଇଁ ଏବଂ ମାନବ ଜାତି ପାଇଁ ମଙ୍ଗଳମୟ ସାବ୍ୟସ୍ତ ହେଉ । ଆମେମାନେ ମଧ୍ୟ ପୂର୍ବାପେକ୍ଷା ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେସଙ୍ଗେ ଅଲ୍ଲାଃତାଲାଙ୍କ ଆଡ଼କୁ ନତମସ୍ତକ ହେବା ପ୍ରତି ଏବଂ ନିଜର ଉପାସନାର ସ୍ତରକୁ ଅଭିବୃଦ୍ଧି କରିବା ପ୍ରତି ବିଶେଷ ମନଯୋଗ କରିବା ଉଚିତ । ନିଜ ଜନ୍ମର ଉଦ୍ଦେଶ୍ୟକୁ ସଫଳ ରୂପେ ଚରିତାର୍ଥ କରିବା ପାଇଁ ଏବଂ ପରସ୍ପରର ଅଧିକାରକୁ ଆତ୍ମସାତ୍ କରିବା ପରିବର୍ତ୍ତେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ଉପରେ ପରିଚାଳିତ ହୋଇ ପରସ୍ପରର ଅଧିକାରକୁ ସମ୍ପାଦନକାରୀ ସାବ୍ୟସ୍ତ ହେଉ ଏବଂ ନିଜର ଇହକାଳ ଓ ପରକାଳକୁ ସୁଧାରିବା ପ୍ରତି ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କିଛି ମାସ ତଳେ ମୁଁ ଅନେକ ରାଷ୍ଟ୍ରର ସଞ୍ଚାଳକଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରିବା ସକାଶେ ପତ୍ର ମଧ୍ୟ ଲେଖିଥିଲି ଏବଂ ଓଭର୍ କୋଡ୍ ଯାହା ରହିଛି ସେହି ପ୍ରସଙ୍ଗାନୁକ୍ରମେ ମଧ୍ୟ ବୁଝାଇବାକୁ ଚେଷ୍ଟା କରିଥିଲି, ଏହି ବିପତ୍ତିମାନ ଅଲ୍ଲାଃତାଲାଙ୍କ ପକ୍ଷରୁ କେବଳ ନିଜର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପାଦନକୁ ଭୁଲି ବସିବା ଏବଂ ସମ୍ପାଦନ ନକରିବା ଯୋଗୁଁ ନୁହେଁ ବରଂ ଅତ୍ୟାଚାରରେ ଅଭିବୃଦ୍ଧି ଘଟିବା ଯୋଗୁଁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥାଏ । ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ହୁଜ଼ୁର ଅନୱର୍ ଅ.ବ କହିଲେ : ଏହି ବ୍ୟାଧି ଯୋଗୁଁ ନା କେବଳ ବ୍ୟକ୍ତିଗତ ରୂପେ ବରଂ ସାମୂହିକ, ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ମଧ୍ୟ ସଭିଏଁ ଦୁର୍ବଳ ହୋଇ ଚାଲିଛନ୍ତି ତାହା ନୁହଁ । ବରଂ ବଡ଼ ବଡ଼ ବିକଶିତ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଅବସ୍ଥା ମଧ୍ୟ ଭୁଷୁଡ଼ି ପଡ଼ିଛି । ସାଂସାରିକ ବ୍ୟକ୍ତିଙ୍କ ନିକଟରେ ଏହାର କେବଳ ଏକମାତ୍ର ସମାଧାନ ରହିଛି କି ପୁନଶ୍ଚ ଯେତେବେଳେ ଏଭଳି ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଯିବ ସେତେବେଳେ ଅର୍ଥନୈତିକ ଅବସ୍ଥା ସଂପୂର୍ଣ୍ଣ ରୂପେ ଭୁଷୁଡ଼ି ପଡ଼ିବ ଏବଂ ଛୋଟ ଛୋଟ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଅବସ୍ଥା ଉପରେ କବଜା କରାଯିବ । ସେମାନଙ୍କୁ କିଭଳି ନିଜର ଜାଲରେ ଫସାଯାଇ ବଶୀଭୂତ କରାଯିବ ଏବଂ କୌଣସି ଆଳରେ ସେମାନଙ୍କର ଅର୍ଥନୀତି ଉପରେ କବଜା କରାଯାଇ ପାରିବ, ପ୍ରୟାସ ଚାଲିଛି । ଏଥିପାଇଁ ବ୍ଲକ୍ ନିର୍ମାଣ ହେବ ଏବଂ ନିର୍ମାଣ ମଧ୍ୟ ହେଉଅଛି । ଶୀତଳଯୁଦ୍ଧ ପୁନର୍ବାର ଆରମ୍ଭ ହୋଇଯିବ ଏବଂ ବର୍ତ୍ତମାନ କୁହାଗଲାଣି କି ଶୀତଳ ଯୁଦ୍ଧ ଆରମ୍ଭ ହୋଇ ଗଲାଣି । ଏକ ପକ୍ଷେ ସେହି ସମୟଟି ବେଶୀ ଦୂର ନୁହେଁ ଯେତେବେଳେ ପ୍ରକୃତ ଅସ୍ତ୍ରଶସ୍ତ୍ର ଚାଳନାର ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଯିବ । ସେହି ଯୁଦ୍ଧଟି ଅତ୍ୟନ୍ତ ଭୟଙ୍କର ହେବ । ଅତଏବ ସଂସାର ଏହି ଅବସ୍ଥାକୁ ଉପନୀତ ହେଉ ଏହା ପୂର୍ବରୁ ହିଁ ଆମେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେସଙ୍ଗେ ସଂସାରାବାସୀଙ୍କୁ ସଚେତନ କରାଇବା ଉଚିତ । ସୁତରାଂ ଏହି ବର୍ଷଟି ଆମମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ସାବ୍ୟସ୍ତ ହେଉ ଏବଂ ତାହା ସେତେବେଳେ ସମ୍ଭବପର ଯେତେବେଳେ ଆମେମାନେ ନିଜ ଅବସ୍ଥାର ମଧ୍ୟ ନିରୀକ୍ଷଣକାରୀ ହେବା । ଆମେମାନେ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ

ସମ୍ପାଦନ କରିବା ସହିତ ନୈଷ୍ଠିକ ରୂପେ ଅଲ୍ଲାଃତାଲାଙ୍କ ଭକ୍ତଙ୍କର ମଧ୍ୟ କର୍ତ୍ତବ୍ୟ ସମ୍ପାଦନକାରୀ ରୂପେ ବିବେଚିତ ହେବା । ଅତଏବ ପ୍ରତ୍ୟେକ ଅହେମଦିକୁ ଚିନ୍ତା କରିବା ଦରକାର କି ତା' ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ମହତ୍ କର୍ତ୍ତବ୍ୟ ନ୍ୟସ୍ତ ହୋଇଛି ଏବଂ ତାହାକୁ ଚରିତାର୍ଥ ଏବଂ ସମ୍ପାଦନ କରିବା ପୂର୍ବରୁ ସର୍ବପ୍ରଥମେ ନିଜ ଭିତରେ ପ୍ରେମ ଓ ସଦ୍‌ଭାବନା ତଥା ଭ୍ରାତୃଭାବ ଭଳି ପରିବେଶ ସୃଷ୍ଟି କରିବାକୁ ପଡ଼ିବ । ପୃଥିବୀବାସୀଙ୍କୁ ସେହି ବାନା ତଳେ ଏକତ୍ରିତ କରନ୍ତୁ ଯେଉଁ ବାନାକୁ ହଜ଼ରତ ମୁହମ୍ମଦ୍ ମୁସ୍ତଫା ସ.ଅ ଉଚ୍ଚା କରିଥିଲେ ଏବଂ ସେହି ବାନାଟି ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ବାନା ଅଟେ । ତାହାହେଲେ ଯାଇ ଆମେମାନେ ନିଜର ବୈଅତ୍‌ର ଉଦ୍ଦେଶ୍ୟରେ ସଫଳ ହୋଇ ପାରିବା ଏବଂ ଅଲ୍ଲାଃତାଲାଙ୍କର କୃପାର ଅଧିକାରୀ ହୋଇପାରିବା । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପୁରୁଷ, ମହିଳା, ଶିଶୁ ଏବଂ ବୃଦ୍ଧ ଉକ୍ତ କଥାକୁ ହୃଦୟଙ୍ଗମ କରି ଏହି ଶପଥ ନିଅନ୍ତୁ କି ଚଳିତ ବର୍ଷ ପୃଥିବୀର ନବଜାଗରଣ ବା ବିପ୍ଲବ ସୃଷ୍ଟି କରିବା ପାଇଁ ନିଜର ସକଳ ଉଦ୍ୟମକୁ ବିନିଯୋଗ କରିବି । ଅଲ୍ଲାଃତାଲା ଏଥି ନିମନ୍ତେ ପ୍ରତ୍ୟେକ ଅହେମଦିକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ: ଆଜିକାଲି ପାକିସ୍ତାନରେ ବସବାସ କରୁଥିବା ଅହେମଦି ଏବଂ ଉପଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କୁ ନିଜର ଦୁଆରେ ସ୍ମରଣ ରଖନ୍ତୁ । ପାକିସ୍ତାନର କେତେକ ସ୍ଥାନରେ କେତେକ ମୌଲବୀମାନେ ଏବଂ ସରକାରୀ କର୍ମଚାରୀମାନେ ଅନ୍ୟାୟ ପନ୍ଥାକୁ ଆପଣାଇ ବସିଛନ୍ତି । ଅଲ୍ଲାଃତାଲା ଏଭଳି ଅଯୋଗ୍ୟ କୁସଂସ୍କାରୀ ବ୍ୟକ୍ତିମାନଙ୍କୁ ଯଥାଶୀଘ୍ର ଧରିବା ପାଇଁ ଅବସର ଉତ୍ପନ୍ନ କରି ଦିଅନ୍ତୁ । ସେହି ଈଶ୍ୱର ଯିଏ ନେମୁଲ୍ ମୌଲା ଏବଂ ନେମୁନ୍ ନସୀର ଅଟନ୍ତି ନିଃସନ୍ଦେହ ତାଙ୍କ ସାହାଯ୍ୟ ଆସିଥାଏ ଏବଂ ନିଶ୍ଚୟ ଆସିଥାଏ, ସେତେବେଳେ ସେହି ସାଂସାରପ୍ରେମୀ ଏବଂ ମନେମନେ ନିଜକୁ ଶକ୍ତିଶାଳୀ ଏବଂ ମର୍ଯ୍ୟାଦା ସମ୍ପନ୍ନ ଭାବୁଥିବା ଲୋକମାନଙ୍କ ସତ୍ତାର ଚିହ୍ନବର୍ଣ୍ଣ ମଧ୍ୟ ମିଳି ନଥାଏ। ସୁତରାଂ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି କି ଆମେମାନେ ଦୁଆ ଯୋଗେ ଏବଂ ନିଜର ଉପାସନାକୁ ସୁସଜ୍ଜିତ କରିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯଦି ଆମେମାନେ ଏପରି କରିନେବା ତାହାହେଲେ ଆମେମାନେ ସଫଳ ହୋଇଯିବା ।

ଆନନ୍ଦ ଓ ଉଲ୍ଲାସର ପର୍ବ ତ' ସେତେବେଳେ ହେବେ ଯେତେବେଳେ ମାନବ ଜାତି ପ୍ରକୃତ ମହତ୍ୱକୁ ଉପଲବ୍ଧି କରିବ । ଯେତେବେଳେ ପାରସ୍ପାରିକ ଘୃଣାଭାବ ପ୍ରେମଭାବରେ ପରିବର୍ତ୍ତିତ ହେବ । ସେତେବେଳେ ଅଲ୍ଲାଃତାଲା ଆମମାନଙ୍କୁ ସେହି ଆନନ୍ଦର ମାଧ୍ୟମ ଓ ସମ୍ବଳ ମଧ୍ୟ ଯଥାଶୀଘ୍ର ପ୍ରଦାନ କରିଦେବେ । ମୁସଲମାନ ଜାତିକୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ କି ସେମାନେ ଆଗାମନକାରୀ ହ. ମସିହ୍ ମଉଦ୍ ଅ.ସଙ୍କୁ ମାନି ନିଅନ୍ତୁ । ସଂସାରବାସୀଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଅଲ୍ଲାଃତାଲାଙ୍କ ଓ ତାହାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଅହେମଦିକୁ ନିଜର ଶାନ୍ତିପୂର୍ଣ୍ଣ ସୁରକ୍ଷାବଳୟ ମଧ୍ୟରେ ରଖନ୍ତୁ ଏବଂ ଏହି ନବବର୍ଷ ପ୍ରତ୍ୟେକ ଅହେମଦି ପାଇଁ, ପ୍ରତ୍ୟେକ ମନୁଷ୍ୟ ପାଇଁ ଦୟା ଓ ମଙ୍ଗଳପ୍ରଦ ସାବ୍ୟସ୍ତ ହେଉ ଏବଂ ଯେଉଁ ତ୍ରୁଟି ଗତ ବର୍ଷରେ ଆମ ଦ୍ୱାରା ହୋଇ ଯାଇଛି, ଯେଉଁଗୁଡ଼ିକ ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର କାରଣ ସାଜିଲା, ଆମମାନଙ୍କୁ ତାହା କେତେକ ପୁରସ୍କାରରୁ ବଞ୍ଚିତ ରଖିଲା, ତହିଁରୁ ଅଲ୍ଲାଃତାଲା ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ନିଜ ପୁରସ୍କାର ଓ କୃପାର ଅଧିକାରୀ କରନ୍ତୁ । ଆମେମାନେ ପ୍ରକୃତ ବିଶ୍ୱାସକାରୀ ପାଲଟିଯାଉ । ଏହି ଦୁଆ କରିବାକୁ ମଧ୍ୟ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

........................

**KHULASA KHUTBA JUMA HUZOOR ANWAR a.b.a**

**1st Jan. 2021**